# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 January – 2026

*******************************

## ମୁଖ୍ୟ ସମ୍ବାଦ

- ଭାରତବାସୀଙ୍କ ଆକାଂକ୍ଷା ପୂରଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ନୂଆଦିଲ୍ଲୀ ସମ୍ବିଧାନ ସଦନଠାରେ ରାଜ୍ୟଗୋଷ୍ଠୀ ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀଙ୍କ ସମ୍ମିଳନୀକୁ କଲେ ସମ୍ବୋଧନ

- ସେନାର ପରାକ୍ରମ, ସାହସ ଓ ବଳିଦାନକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଭାରତୀୟ ସେନା ଦିବସ

- ନିବେଶକ ସମ୍ମିଳନୀରେ ଯୋଗଦେବା ପାଇଁ ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତ

ଏବଂ

- ଆଗାମୀ ୨୪ ଘଣ୍ଟା ମଧ୍ୟରେ ଶୀତପ୍ରକୋପ ବୃଦ୍ଧି ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର

# ପ୍ରଧାନମନ୍ତ୍ରୀ– ସିଏସପିଓସି

ଭାରତବାସୀଙ୍କ ଆକାଂକ୍ଷା ପୂରଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ଆଜି  ରାଜ୍ୟଗୋଷ୍ଠୀ ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀଙ୍କ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ବିବିଧତାକୁ ନିଜର ଶକ୍ତିଭାବେ ପରିଣତ କରିଛି। ଏବେ ବିଶ୍ୱସ୍ତରରେ ଦ୍ରୁତତମ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତିଭାବେ ଉଭା ହୋଇଛି। ଦେଶରେ ୟୁ.ପି.ଆଇ ହେଉଛି ବିଶ୍ୱର ସର୍ବବୃହତ ଡିଜିଟାଲ ଦେଣନେଣ ମାଧ୍ୟମ। ଶ୍ରୀ ମୋଦୀ କହିଛନ୍ତି, ସର୍ବବୃହତ ଟୀକା ଉତ୍ପାଦକ ଏବଂ ଦ୍ୱିତୀୟ ଇସ୍ପାତ ଉତ୍ପାଦକ ଭାବେ ଭାରତ ବିଶ୍ୱସ୍ତରରେ ପରିଗଣିତ ହେଉଛି। ଚତୁର୍ଥଥର ପାଇଁ ଏହି ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ଶ୍ରୀ ମୋଦୀ କହିଛନ୍ତି, କୌଣସି ଭେଦଭାବ ବିନା ସମସ୍ତଙ୍କ ପାଇଁ କଲ୍ୟାଣର ଭାବନା ସହିତ ସରକାର କାର୍ଯ୍ୟ କରୁଛନ୍ତି। ଭାରତକୁ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୨୦୨୪ ସାଧାରଣ ନିର୍ବାଚନ ସ୍ୱଚ୍ଛ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଉତ୍କୃଷ୍ଟ ଉଦାହରଣ ପାଲଟିଛି।

ସମ୍ମିଳନୀକୁ ସମ୍ବୋଧନ କରି ଲୋକସଭା ବାଚସ୍ପତି ଓମ ବିର୍ଲା କହିଛନ୍ତି, କୃତ୍ରିମ ବୁଦ୍ଧିମତା ଏବଂ ସାମାଜିକ ଗଣମାଧ୍ୟମ’ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଦକ୍ଷତା ଏବଂ କ୍ଷମତାକୁ ବୃଦ୍ଧି କରିଛି। ତେବେ ଏହାର ଅପବ୍ୟବହାର ନେଇ ସୃଷ୍ଟ ଆହ୍ୱାନଗୁଡ଼ିକର ଉପଯୁକ୍ତ ସମାଧାନର ମାଧ୍ୟମ ଖୋଜିବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱାରୋପ କରିଛନ୍ତି।

Desk

# ଭାରତୀୟ ସେନା ଦିବସ

ଭାରତୀୟ ସେନାର ପରାକ୍ରମ, ସାହସ ଓ ଦେଶପ୍ରତି ସେନାର ବଳିଦାନକୁ ମନେପକାଇ ଆଜି ଭାରତୀୟ ସେନା ଦିବସ ପାଳନ କରାଯାଉଛି । ୧୯୪୯ ମସିହାରେ ପ୍ରଥମ ଭାରତୀୟ କମାଣ୍ଡର ଇନ୍ ଚିଫ୍ ଭାବେ ମଦପ୍ପା କାରିଅପ୍ପାଙ୍କ ନିଯୁକ୍ତି ସ୍ମୃତିରେ ପ୍ରତିବର୍ଷ ଆଜିର ଦିବସକୁ ଭାରତୀୟ ସେନା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି ବିଦ୍ୟା ଏବଂ ଭାରତୀୟ ସୈନିକଙ୍କ ସାହସିକତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ଦିବସ ପାଳନ କରାଯାଉଛି ।

ସେନା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦେଶର ବୀର ସୈନିକ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ଦେବା କ୍ଷେତ୍ରରେ ଭାରତୀୟ ସେନା ସବୁବେଳେ ସକ୍ରିୟ ଥାଏ । ବୀର ସୈନିକ ମାନେ ଦେଶର ସୀମାରେ ସୁରକ୍ଷା ଯୋଗାଇବା ସହ ଜଟିଳ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସୈନିକମାନଙ୍କ ପ୍ରଥମେ ଦେଶର ଭାବନା ପ୍ରତ୍ୟେକ ଭାରତୀୟଙ୍କୁ ଅନୁପ୍ରାଣିତ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ ଭାରତୀୟ ସେନାର ସୈନିକ, ଅଧିକାରୀ ଏବଂ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନ ଜଣାଇ କହିଛନ୍ତି ଦେଶର ସୁରକ୍ଷାରେ ସେନାନି ଅଦମ୍ୟ ସାହସ, ଶୃଙ୍ଖଳା ଏବଂ ସର୍ବୋଚ୍ଚ ବଳିଦାନ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବୀର ସୈନିକମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଲାଗି ସମ୍ମାନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଦେଶର ସୁରକ୍ଷା ପାଇଁ ପ୍ରତିକୂଳ ପରିସ୍ଥିତିରେ ନିଃସ୍ୱାର୍ଥପର ସେବା ଯୋଗାଉଥିବା ସୈନିକମାନଙ୍କ ଅଦମ୍ୟ ସାହସ ପ୍ରଶଂସନୀୟ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସେନାଦିବସ ଅବସରରେ ବୀରସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ସେନାର ସାହସୀ ଯବାନମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଦେଶର ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କ ଅତୁଟ ସାହସ ଓ ସର୍ବୋଚ୍ଚ ବଳିଦାନ ଅତୁଳନୀୟ।

Nabarangpur

## ଆପଦମିତ୍ର ସମ୍ମାନ

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ବାସନୀ ପଞ୍ଚାୟତ ବାଗ୍‌ଦେବୀ ୟୁ.ଜି. ହାଇସ୍କୁଲର ଖେଳ ଶିକ୍ଷକ ପ୍ରିୟରଞ୍ଜନ ରାଉତ ନୂଆଦିଲ୍ଲୀରେ ଆଗାମୀ ସାଧାରଣତନ୍ତ୍ର ଦିବସ ପରେଡ୍ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି।  ପ୍ରିୟ ରଞ୍ଜନ ବାଲେଶ୍ୱର ଜିଲ୍ଲା ତଳପଦା ଗ୍ରାମର ବାସିନ୍ଦା ଅଟନ୍ତି। ସେ ନବରଙ୍ଗପୁର ଜିଲ୍ଲାରେ ଖେଳ ଶିକ୍ଷକ ଭାବରେ ଜାନୁଆରୀ ପହିଲାରେ ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ସେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓ.ଏସ୍.ଡି.ଏମ୍.ରେ ଆପଦମିତ୍ର ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ଥିଲେ। ୨୦୦୯ ମସିହାରେ ସେ ଏ ନେଇ ତାଲିମ ନେବାପରେ ୨୦୧୯ ମସିହାରେ ସାଧନକର୍ମୀ ଭାବେ ଅନ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ୨୦୨୩ ମସିହାରେ ଉଭୟ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶ୍ରୀ ରାଉତ ତାଲିମ ନେଇଥିବା ଆକାଶବାଣୀକୁ କହିଛନ୍ତି...

**- V/O –**

HS

## ମୁଖ୍ୟମନ୍ତ୍ରୀ– ପଶ୍ଚିମବଙ୍ଗ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଉଛନ୍ତି। ସେଠାରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଯାଉଛନ୍ତି। ପୂର୍ବରୁ ହାଇଦ୍ରାବାଦଠାରେ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

Desk

## ସଚିବସ୍ତରୀୟ ବୈଠକ

ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି, ବଜେଟ୍ ଖର୍ଚ୍ଚ ଓ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କରେ ଆଲୋଚନା କରାଯାଇଛି। ପାନୀୟ ଜଳ ପ୍ରକଳ୍ପ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ ସହ ଆଗାମୀ ବଜେଟ୍‌ରେ ପ୍ରକଳ୍ପ ସମ୍ପର୍କିତ ନୂତନ ପଦକ୍ଷେପ ଆରମ୍ଭ ନେଇ

ଆଲୋଚନା ହୋଇଥିବା ଶ୍ରୀମତୀ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

**- V/O –**

Desk

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ଅଧୀନରେ ବିଭିନ୍ନ ପୁରସ୍କାର ପାଇଁ ଆବେଦନର ସମୟସୀମା ଆସନ୍ତା ୨୦ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସରେ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ । ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର ଓ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ଆଦି ଅନ୍ତର୍ଭୁକ୍ତ ।

Ganjam

## ପ୍ରାଣୀ ଜନ୍ମ ନିୟନ୍ତ୍ରଣ

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆସନ୍ତା ୧୭ ତାରିଖରୁ ପ୍ରାଣୀ ଜନ୍ମ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଯିବ । ମହାନଗର ନିଗମ ପକ୍ଷରୁ ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ପର୍ଯ୍ୟାୟକ୍ରମେ କୁକୁରଙ୍କୁ ଧରାଯାଇ ବନ୍ଧ୍ୟାକରଣ କରାଯିବାର ବ୍ୟବସ୍ଥା ରହିଛି । ବିଏମ୍‌ସି ଏଥିପାଇଁ ଆଶ୍ରା ନାମକ ଏକ ସଂସ୍ଥାକୁ

ନିୟୋଜିତ କରିଛି। ଏଥିପାଇଁ କୁକୁର ଧରା ଗାଡ଼ି, ପଶୁ ଚିକିତ୍ସକ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ୧୦ ଜଣିଆ ଟିମ୍ ଗଠନ କରାଯାଇଛି।

BHK

## ବନ୍ଦେ ମାତରମ୍

ଭଦ୍ରକ ସହିଦ ସ୍ମୃତିଭବନ ଟାଉନହଲଠାରେ ‘ବନ୍ଦେ ମାତରମ୍’ର ୧୫୦ତମ ବାର୍ଷିକୀ ସମାରୋହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସମ୍ମାରୋହରେ ଯୋଗଦେଇ ଜାତୀୟ ସଂହତି, ସହଭାଗିତା, ସମ୍ଭାବନା ଓ ବିଶ୍ୱକୁ ଦିଗ୍‌ଦର୍ଶନ ଦେବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

Ganjam

## ବନ୍ୟଜନ୍ତୁ ସୁରକ୍ଷା

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବନବିଭାଗ ପକ୍ଷରୁ କୃଷ୍ଣସାର ମୃଗ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

Malkangiri

## ରେଡକ୍ରସ ଶିବିର

ମାଲକାନଗିରି କାଲିମେଳା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ତିନିଦିନିଆ ଜୁନିୟର ରେଡକ୍ରସ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ

ନରସିଂହ ମାଡ଼କାମୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ବ୍ଲକ ଅଧ୍ୟକ୍ଷା ପ୍ରମୁଖ ଶିବିରରେ ଯୋଗଦେଇ ରେଡକ୍ରସର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଜିଲ୍ଲାର ୧୧୧ ଗ୍ରାମ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଚାତ୍ରୀ ଯୋଗ ଦେଇଥିଲେ।

Ganjam

## ମାରଦା ମହୋତ୍ସବ

ଗଞ୍ଜାମ ଜିଲ୍ଲା ମଥୁରାସ୍ଥିତ ମାରଦା ପୀଠରୁ ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଆଠଗଡ଼ ମହାରାଜା ଦୁର୍ଗା ଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ କାର୍ଯ୍ୟକ୍ରମରେ ଯୋଗଦେଇ ଶରଣ ଶ୍ରୀକ୍ଷେତ୍ର ମାରଦାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ।

Desk

# ଶୀତଲହରୀ

ଉତ୍ତର ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦୁଇଦିନ ୧୧ଟି ଜିଲ୍ଲାରେ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।